The Orissa Gazette

EXTRAORDINARY

PUBLISHED BY AUTHORITY

No. 1816 CUTTACK, SATURDAY, NOVEMBER 6, 2010/KARTIKA 15, 1932

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 29 ଅକ୍ଟୋବର 2010

ସଂଖ୍ୟା 43867—ଏଲ୍.ଏ. (ସି)–66/2009-ଅନୁଗୋଳ–ରାବିପ.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଇଡ଼କୋ (ଉତ୍କଳ କୋଲ ଲିଃ) ପାଇଁ ସରକାର, ସରକାରୀ ବ୍ୟୟରେ ମୌଜା ରାଇଝରଣ, ଥାନା ଜରପଡ଼ା, ଜିଲ୍ଲା ଅନୁଗୋଳରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ଦ୍ୱାରା ଘୋଷଣା କରାଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 29.01 ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894ର ଅଧିନିୟମର ଧାରା 6(1)ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ–ଅର୍ଜନ ଆଇନ୍ର 4(1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 309–ରାବିପ., ତାରିଖ 4 ଜାନୁଆରୀ 2010 ଓ ରାଜପତ୍ର ସଂଖ୍ୟା 56, ତା 16 ଜାନୁଆରୀ 2010 ରିଖରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମାର ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା, ଜିଲ୍ଲାପାଳ, ଅନୁଗୋଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ଲକ୍ଷ୍ମଣ କୁମାର ସାମନ୍ତରାୟ
ଅତିରିକ୍ତ ଶାସନ ସଚିବ

Printed and published by the Director of Printing, Stationery & Publication, Orissa, Cuttack-10
Ex. Gaz. 1351—193+20